# ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

## ପ୍ରେସ୍ ବିଜ୍ଞପ୍ତି

**ଦଶମ ସମତୁଲ୍ୟ ପରୀକ୍ଷା ଗୁଡିକର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ବିକଳ୍ପ ପଦ୍ଧତି**

ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍/ ମଧ୍ୟମା/ ମୁକ୍ତ ବିଦ୍ୟାଳୟ ପରୀକ୍ଷା, ୨୦୨୧, ଯାହା ଗତ ୦୩/୦୫/ ୨୦୨୧ ତାରିଖରୁ ଆରମ୍ଭ ହୋଇଥାନ୍ତା, ତାହା COVID-19 ସଂକ୍ରମଣ ବଢ଼ିବା ହେତୁ, ସରକାରଙ୍କ ଦ୍ୱାରା ବାତିଲ କରାଯାଇଥିଲା ଏବଂ ମାଧ୍ୟମିକ ଶିକ୍ଷା ପରିଷଦକୁ ମୂଲ୍ୟ ନିର୍ଦ୍ଧାରଣ କରିବାର ବିକଳ୍ପ ପଦ୍ଧତି ତିଆରି କରିବା ନିମନ୍ତେ ନିର୍ଦ୍ଦେଶ ଦିଆଗଲା । ଏହିପରି ମହାମାରୀ ଅବସ୍ଥାରେ, ନ୍ୟାୟ ସଙ୍ଗତ ଓ ବିନା ପକ୍ଷପାତରେ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଫଳ ପ୍ରକାଶ କରିବା ବୋର୍ଡ ପାଇଁ ଏକ ଆହ୍ୱାନ । ଏହି ପ୍ରକାର ପରିସ୍ଥିତି ପୂର୍ବରୁ ନା କେବେ ହୋଇଥିଲା ନା ବୋର୍ଡ ଆଗରୁ କେବେ ଏହି ପ୍ରକାର ବିକଳ୍ପ ପଦ୍ଧତି ତିଆରି କରିଛି । ତାହା ସତ୍ୱେ, ଏହି ପରି ମହାମାରୀ ଅବସ୍ଥାରେ ବୋର୍ଡ ବିଭିନ୍ନ stakeholdersମାନଙ୍କ ସହିତ ଆଲୋଚନା କରି ପରୀକ୍ଷା ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଏକ ବିକଳ୍ପ ପଦ୍ଧତି ପ୍ରସ୍ତୁତ କରିଅଛି । ଆଶା କରାଯାଏ ଶିକ୍ଷକ ସମୂହର ପ୍ରତ୍ୟକ୍ଷ ସାହାଯ୍ୟ ଓ ସହଯୋଗରୁ ଆମେ, ଛାତ୍ରଛାତ୍ରୀମାନଙ୍କର Tabulation ଓ ଫଳ ପ୍ରକାଶନ କାର୍ଯ୍ୟ ଏହିଭଳି ଅଭୂତପୂର୍ବ ଅବସ୍ଥାରେ ସୁଚାରୁ ରୂପେ କରିପାରିବୁ । ଫଳ ପ୍ରକାଶନ ପରେ ଯଦି କୌଣସି ଛାତ୍ରଛାତ୍ରୀ ସନ୍ତୁଷ୍ଟ ନହୁଅନ୍ତି, ସେମାନେ ମହାମାରୀ ଅବସ୍ଥା ସୁଧୁରିବା ପରେ ଲିଖିତ ପରୀକ୍ଷା ଦେଇପାରିବେ ।

ମୂଲ୍ୟ ନିର୍ଦ୍ଧାରଣର ପ୍ରଣାଳୀ ନିର୍ଦ୍ଦିଷ୍ଟ ପରୀକ୍ଷା ପାଇଁ ଭିନ୍ନ ହେବ । ବିଭିନ୍ନ ପ୍ରକାରର ପରୀକ୍ଷାର୍ଥୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ରଣାଳୀ ନିୟୋଜିତ କରାଯିବ । ବୋର୍ଡର ତା୦୭/୦୫/୨୦୨୧ରିଖର ବିଜ୍ଞପ୍ତି ପରିଷଦର website www.bseodisha.ac.in ରେ ଉପଲବ୍ଧ ହେଉଅଛି । ଏହାକୁ download କରି ବିଷଦ ଭାବରେ ପ୍ରଣାଳୀ, ମାର୍କ ଗୁଡିକର ଯାଂଚ ପ୍ରକ୍ରିୟା, ମାର୍କ uploading ପ୍ରକ୍ରିୟା, record ଗୁଡିକର ରକ୍ଷଣା ବେକ୍ଷଣ ଏବଂ ଏହି ସମ୍ବନ୍ଧୀୟ ନିର୍ଦ୍ଧାରିତ କାର୍ଯ୍ୟକ୍ରମର ସୂଚୀ ଜାଣିହେବ । ସମସ୍ତଙ୍କ ସୁବିଧା ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ବିକଳ୍ପ ପଦ୍ଧତି ଉପରେ ଏକ FAQ ପରିଷଦର ନିଜସ୍ୱ website ରେ ଯଥାଶୀଘ୍ର upload କରାଯିବ ।

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ସମସ୍ତ ଶିକ୍ଷା ଜିଲ୍ଲା ଅଧିକାରୀ, ମଣ୍ଡଳ ଶିକ୍ଷା ଅଧିକାରୀ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଏବଂ ମେଣ୍ଟର ସ୍କୁଲର ପ୍ରଧାନଶିକ୍ଷକଙ୍କ ସାହାଯ୍ୟ ଓ ସହଯୋଗରେ ମାର୍କ uploading ପ୍ରକ୍ରିୟାକୁ ମେ' ମାସ ୩୧ ତାରିଖ ସୁଦ୍ଧା ସାରିବା ପାଇଁ ଧାର୍ଯ୍ୟ କରିଛି । ତଦ୍‌ପରେ ନୂତନ ଭାବେ ମାର୍କ ଗୁଡିକର tabulation ପରିଷଦ ଦ୍ୱାରା କରାଯିବ ଓ result processing କାର୍ଯ୍ୟ ଆରମ୍ଭ ହେବ । ସମସ୍ତ ଦିଗକୁ ଅନୁଧ୍ୟାନ କରି, processing କାର୍ଯ୍ୟ ଶେଷ ହେଲା ପରେ ବୋର୍ଡ ବିଧିବଦ୍ଧ ଭାବେ ଫଳ ପ୍ରକାଶନ କରିବ । ଆନୁମାନିକ ଜୁନ' ମାସ ୩୦ତାରିଖ ସୁଦ୍ଧା ଫଳ ପ୍ରକାଶନ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଏହି ବିକଳ୍ପ ପଦ୍ଧତି ପରିଷଦର Examination Committee ଦ୍ୱାରା ଅନୁମୋଦିତ ହୋଇଅଛି ।

ପରୀକ୍ଷା ନିୟନ୍ତ୍ରକ
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା